# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 13 March - 2026

************************************

## ମୁଖ୍ୟ ସମ୍ବାଦ

- ପିଏମ୍ କିଷାନ ସମ୍ମାନନିଧି ଯୋଜନାରେ ୯ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୨୨ତମ କିସ୍ତିର ଅର୍ଥରାଶି ଆଜି ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ

— ରାଜ୍ୟର ୩୪ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ପାଇବେ ୬୮୪ କୋଟି ଟଙ୍କା

- ବିଧାନସଭା ବଜେଟ୍ ଅଧିବେଶନରେ ଆଜି ଶିଳ୍ପ ଏବଂ ଏମ୍ଏସ୍ଏମ୍ଇ ବିଭାଗର ଖର୍ଚ୍ଚଦାବି ଉପରେ ଜାରି ରହିଛି ଆଲୋଚନା

- ରାଜ୍ୟର ବିଭିନ୍ନ ସ୍ତରରେ ପର୍ଯ୍ୟାୟକ୍ରମେ ସାର୍ବଜନୀନ ପାଠାଗାର ସ୍ଥାପନ ପାଇଁ ଲକ୍ଷ୍ୟ ରଖିଛନ୍ତି ସରକାର

- ମଧୁବାବୁ ପେନ୍ସନ୍ ଯୋଜନାରେ ଭତ୍ତା ଅପେକ୍ଷାରେ ୬ ଲକ୍ଷ ୩୬ ହଜାରରୁ ଊର୍ଦ୍ଧ୍ୱ ଆବେଦନକାରୀ

ଏବଂ

- ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାକୁ ଗ୍ରୀଷ୍ମପ୍ରବାହ ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି

## ପିଏମ୍ କିଷାନ ସମ୍ମାନ ନିଧି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି  ପିଏମ୍ କିଷାନ୍ ସମ୍ମାନ ନିଧି ଯୋଜନାର ୨୨ତମ କିସ୍ତିର ଅର୍ଥରାଶି ପ୍ରଦାନ କରିବେ। ଦେଶର ୯ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ କୃଷକଙ୍କ ବ୍ୟାଙ୍କ ଖାତାକୁ  ୧୮ ହଜାର ୬୪୦ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯିବ। ଆସାମର ଗୌହାଟୀଠାରେ ଆୟୋଜିତ ଏକ ସମାରୋହରେ ଅପରାହ୍ନରେ  ପ୍ରଧାନମନ୍ତ୍ରୀ ଏହି ଯୋଜନାର କିସ୍ତିରାଶି ପ୍ରଦାନ କରିବେ । ରାଜ୍ୟସ୍ତରୀୟ  କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଉପସ୍ଥିତିରେ ଆଭାସୀ ମାଧ୍ୟମରେ, ଭୁବନେଶ୍ୱର ଓୟୁଏଟି ପରିସରରେ ଯୋଗଦେବେ । ରାଜ୍ୟର ୩୪ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୨୨ତମ କିସ୍ତି ବାବଦରେ ୬୮୪ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ କୁହାଯାଇଛି ।

୨୦୧୯ ମସିହା ଫେବୃୟାରୀ ମାସରୁ କେନ୍ଦ୍ର ସରକାର ପିଏମ୍ କିଷାନ ସମ୍ମାନ ନିଧି ଯୋଜନାରେ ବର୍ଷକୁ ୩ଟି କିସ୍ତିରେ କୃଷକମାନଙ୍କୁ ୬ ହଜାର ଟଙ୍କାର ଆର୍ଥିକ ସହାୟତା ଦେଉଛନ୍ତି ।

## ବିଧାନସଭା-ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟର ପଞ୍ଚମ ଦିନରେ ଗୃହକାର୍ଯ୍ୟ ସ୍ୱାଭାବିକ ଚାଲିଛି। ପ୍ରଶ୍ନକାଳରେ ଆଜି ଚାରୋଟି ପ୍ରଶ୍ନ

ଉପରେ ଆଲୋଚନା ହୋଇଥିଲା। ପ୍ରଶ୍ନକାଳ ଓ ଶୂନ୍ୟକାଳ ସ୍ୱାଭାବିକ ଚାଲିଥିଲା। ଶିକ୍ଷା କ୍ଷେତ୍ରରେ ଡିଜିଟାଲ ଶ୍ରେଣୀଗୃହ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ବିଜେଡି ସଦସ୍ୟ ସୁବାସିନୀ ଜେନାଙ୍କ ପ୍ରଶ୍ନରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୃହରେ ଉତ୍ତର ରଖିଥିଲେ। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଶିଳ୍ପ ବିଭାଗ ନିମନ୍ତେ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ୧ ହଜାର ୫୧୭ କୋଟି ୪୯ ଲକ୍ଷ ୯୨ ହଜାର ଟଙ୍କା ଓ ଏମ୍ଏସ୍ଏମ୍ଇ ବିଭାଗ ପାଇଁ ୭୬୨ କୋଟି ୭୮ ଲକ୍ଷ ୩୬ ହଜାର ଟଙ୍କାର ଖର୍ଚ୍ଚ ଦାବି ଆଗତ କରିଛନ୍ତି। ବର୍ତ୍ତମାନ ଗୃହରେ ଶିଳ୍ପ ଏବଂ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ-ଏମ୍ଏସ୍ଏମ୍ଇ ବିଭାଗର ଖର୍ଚ୍ଚଦାବି ଉପରେ ଆଲୋଚନା ଜାରି ରହିଛି।

## ବିଧାନସଭା-ପାଠାଗାର

ରାଜ୍ୟର ବିଭିନ୍ନ ସ୍ତରରେ ପର୍ଯ୍ୟାୟକ୍ରମେ ସାର୍ବଜନୀନ ପାଠାଗାର ସ୍ଥାପନ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ବିଧାନସଭାରେ ସଦସ୍ୟ ଧ୍ରୁବଚରଣ ସାହୁଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ସୂରଜ କହିଛନ୍ତି, ଓଡ଼ିଶା ସାର୍ବଜନୀନ ପାଠାଗାର ଆଇନ୍ ୨୦୦୧ ଓଡ଼ିଶା ସାର୍ବଜନୀନ ପାଠାଗାର ନିୟମ ୨୦୧୬ ଅନୁଯାୟୀ ପାଠାଗାର ସ୍ଥାପନ କରାଯିବ। ବର୍ତ୍ତମାନ ବିଭାଗ ଅଧୀନରେ ସମୁଦାୟ ୩୧ଟି ସାର୍ବଜନୀନ ପାଠାଗାର ପରିଚାଳିତ ହେଉଛି। ଜିଲ୍ଲା ପାଠାଗାରଗୁଡ଼ିକର ଭିତ୍ତିଭୂମି ଉନ୍ନୟନ ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ପ୍ରସ୍ତାବ ଅନୁଯାୟୀ, ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ପାଠାଗାରର ସୁପରିଚାଳନା ପାଇଁ ପୁସ୍ତକ ଓ ପତ୍ରପତ୍ରିକା କ୍ରୟର ବ୍ୟବସ୍ଥା ହୋଇଥିବା ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

## ବିଧାନସଭା-ପେନ୍‌ସନ

ମଧୁବାବୁ ପେନ୍‌ସନ୍ ଯୋଜନାରେ ରାଜ୍ୟରେ ଭତ୍ତା ପାଇବା ପାଇଁ ୬ ଲକ୍ଷ ୩୬ ହଜାର ୮୫୮ ଜଣ ଆବେଦନକାରୀ ରହିଛନ୍ତି ବୋଲି ସାମାଜିକ ସୁରକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ସଦସ୍ୟ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ଗଣ୍ଡ କହିଛନ୍ତି, ୮୦ରୁ ଊର୍ଦ୍ଧ୍ୱ ବୟସ୍କ ୩ ହଜାର ୬୯୨ ଜଣ, ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ, ୫ ହଜାର ୯୮୧ ଜଣ ଭତ୍ତା ଅପେକ୍ଷାରେ ରହିଛନ୍ତି। ଗଞ୍ଜାମରେ ସର୍ବାଧିକ ୬୫ ହଜାର ୫୫ ଜଣ ଓ କଟକରେ ୫୬୫ ଜଣ ଭିନ୍ନକ୍ଷମ ବ୍ୟକ୍ତି ଭତ୍ତା ପାଇବା ପାଇଁ ଆବେଦନ କରିଛନ୍ତି ବୋଲି ମନ୍ତ୍ରୀ ଗୃହରେ କହିଛନ୍ତି।

## ବିଶ୍ୱବିଦ୍ୟାଳୟ

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରାଜ୍ୟରେ ବର୍ତ୍ତମାନ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ରହିଛି। ସେଥିମଧ୍ୟରୁ ୧୪ଟି ବିଶ୍ୱବିଦ୍ୟାଳୟରେ ଭାରପ୍ରାପ୍ତ କୁଳପତି ଅଛନ୍ତି ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୃହରେ ପ୍ରକାଶ କରିଛନ୍ତି।  ସଦସ୍ୟ ପବିତ୍ର ସାଉଁନ୍ତାଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ସୂରଜ କହିଛନ୍ତି, ଏହି ୧୪ଟି ସରକାରୀ ବିଶ୍ୱବିଦ୍ୟାଳୟମାନଙ୍କରେ ପୂର୍ଣ୍ଣକାଳୀନ କୁଳପତି ନିଯୁକ୍ତି ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୧୭ଟି ବିଶ୍ୱବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ମୋଟ ୨୯୯ ପ୍ରଫେସର ପଦବୀ, ୫୯୩ ଆସୋସିଏଟ୍ ପ୍ରଫେସର ପଦବୀ ଏବଂ ୧୧୮୭ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ରହିଛି। ଖାଲି ଥିବା ୭୬୬ଟି ଅଧ୍ୟାପକ ପଦବୀ ପୂରଣ ପାଇଁ ଓଡ଼ିଶା

ଲୋକସେବା ଆୟୋଗ ଦ୍ୱାରା ୩୮୫ଟି ପଦବୀର ବିଜ୍ଞାପନ ଜାରି କରାଯାଇ ଚୟନ ପ୍ରକ୍ରିୟା ଚାଲୁ ରହିଛି ବୋଲି ମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି।

## ବିଧାନସଭା-ଦରଭଙ୍ଗା ସ୍କୁଲ

ରାଜ୍ୟରେ ୧ ହଜାର ୭୬୩ଟି ସ୍କୁଲ ଅଧାଭଙ୍ଗା ଅବସ୍ଥାରେ ରହିଛି। ସମ୍ବଲପୁରରେ ସର୍ବାଧିକ ୧୭୫ଟି ସ୍କୁଲ ଭଗ୍ନ ସ୍ଥିତିରେ ରହିଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୃହରେ ପ୍ରକାଶ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ୧୨୨, ସୁବର୍ଣ୍ଣପୁରରେ ୧୦୭, କଳାହାଣ୍ଡିରେ ୧୦୧, ଗଞ୍ଜାମରେ ୧୦୦, କଟକରେ ୧୦୪, ବାଲେଶ୍ୱରରେ ୯୫, କେନ୍ଦ୍ରାପଡାରେ ୯୦, କେନ୍ଦୁଝରରେ ୯୪ ସ୍କୁଲର ଅବସ୍ଥା ଶୋଚନୀୟ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

## ସ୍କୁଲ-ଶାରୀରିକ ଶିକ୍ଷା

ଜାତୀୟ ଶିକ୍ଷାନୀତି ୨୦୨୦ ଅଧୀନରେ ସ୍କୁଲଗୁଡ଼ିକରେ ଆସନ୍ତା ଶିକ୍ଷାବର୍ଷରୁ ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସୁସ୍ଥ ରହିବା ପାଇଁ ଶାରୀରିକ ଶିକ୍ଷା ପ୍ରଦାନ କରାଯିବ। ଡିଜିଟାଲ କ୍ଲାସ୍‌ରୁମ୍‌ରେ ଇ-କଣ୍ଟେଣ୍ଟ ଦ୍ୱାରା ଶିକ୍ଷାଦାନ କରାଯାଉଛି ବୋଲି ଗୃହରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରଶ୍ନୋତ୍ତର କାଳରେ କହିଛନ୍ତି।

## ବିଧାନସଭା-ବୈଷୟିକ ବିଶ୍ୱବିଦ୍ୟାଳୟ

ରାଜ୍ୟରେ ୩ଟି ସରକାରୀ ବୈଷୟିକ ବିଶ୍ୱବିଦ୍ୟାଳୟ ରହିଛି ବୋଲି ଦକ୍ଷତାବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗୃହରେ ସୂଚନା

ଦେଇଛନ୍ତି । ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ସ୍ୱାଇଁ କହିଛନ୍ତି, ଭୁବନେଶ୍ୱର ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ବୁର୍ଲା, ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ, ରାଉରକେଲାରେ ନିୟମିତ କୁଳସଚିବ କାର୍ଯ୍ୟରତ ଅଛନ୍ତି ।

## ବିଧାନସଭା-ନିଶା ନିବାରଣ

ରାଜ୍ୟରେ ନିଶା ନିବାରଣ କେନ୍ଦ୍ରରେ ଗତ ଦୁଇ ବର୍ଷ ମଧ୍ୟରେ  ୧୯ ହଜାର ୩୯୫ ଜଣ ବ୍ୟକ୍ତିଙ୍କୁ ନିଶାମୁକ୍ତ କରାଯାଇଛି ବୋଲି ବିଧାନସଭାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ  ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୬ ହଜାର ୯୩ ଜଣ ବ୍ୟକ୍ତିଙ୍କୁ ନିଶାମୁକ୍ତ କରାଯାଇଛି । ରାଜ୍ୟରେ ମୋଟ୍ ୫୫ଟି ନିଶା ନିବାରଣ କେନ୍ଦ୍ର ରହିଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ଗୃହରେ ସୂଚନା ଦେଇଛନ୍ତି ।

## ଏସ୍‌ଆଇଆର

ରାଜ୍ୟରେ ହେବାକୁ ଥିବା ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍‌ଆଇଆରକୁ ସୂଚାରୁରୂପେ କାର୍ଯ୍ୟାନ୍ୱୟନ କରିବା ଉଦ୍ଦେଶ୍ୟରେ ନିର୍ବାଚନ ଅଧିକାରୀଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିରର ଆଜି ଚତୁର୍ଥ ଦିବସ । କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ୍.ଗୋପାଳନ୍ ଯୋଗଦେଇ ସ୍ୱତନ୍ତ୍ର ସଘନ ସଂଶୋଧନ ବିଷୟର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରୁଛନ୍ତି । ପ୍ରଶିକ୍ଷଣ ସମୟରେ ସ୍ୱତନ୍ତ୍ର ସଘନ ସଂଶୋଧନ

ପ୍ରକ୍ରିୟା, ଭୋଟର ତାଲିକା ସଂଶୋଧନ ପଦ୍ଧତି, ପୁରୁଣା ଭୋଟର ତାଲିକା ସହିତ ମତଦାତାଙ୍କ ମ୍ୟାପିଂ, ତଥ୍ୟ ସଂଗ୍ରହ ଏବଂ କ୍ଷେତ୍ର ସ୍ତରରେ କାର୍ଯ୍ୟାନ୍ୱୟନ ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଅଧିକାରୀମାନଙ୍କୁ ଅବଗତ କରାଇଛନ୍ତି । ପ୍ରକ୍ରିୟାର ପାରଦର୍ଶୀତା ଓ ସକ୍ରିୟ ଅଂଶଗ୍ରହଣ ନିଶ୍ଚିତ କରିବା ପାଇଁ ରାଜନୈତିକ ଦଳମାନଙ୍କ ଦ୍ୱାରା ବୁଥ୍‌ସ୍ତରୀୟ କର୍ମୀ ନିଯୁକ୍ତି, ସେମାନଙ୍କ ପାଇଁ ମତଦାତା ଯାଞ୍ଚ ଓ ଫର୍ମ ପ୍ରବନ୍ଧନ ସମ୍ପର୍କିତ ପ୍ରଶିକ୍ଷଣ, ପ୍ରତ୍ୟେକ ପୁଲିଂ ବୁଥ୍‌ରେ ୨୦ଜଣ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ଚିହ୍ନଟ ଓ ୨୦୦୨ ମସିହାର ଭୋଟର ତାଲିକା ସହିତ ମତଦାତାଙ୍କ ମ୍ୟାପିଂ କାର୍ଯ୍ୟ ସମାପ୍ତି ଉପରେ ଶିବିରରେ ଆଲୋଚନା କରାଯାଉଛି ।

## ନିୟନ୍ତ୍ରଣ କକ୍ଷ

**ସମ୍ବଲପୁର** ଜିଲ୍ଲାରେ ରନ୍ଧନ ଗ୍ୟାସ୍ ଯୋଗାଣ ସମ୍ବନ୍ଧୀୟ ସୂଚନା ପାଇଁ ଏକ ନିୟନ୍ତ୍ରଣ କକ୍ଷ ସ୍ଥାପନ କରାଯାଇଛି । ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ନିମନ୍ତେ ଯୋଗାଯୋଗ ନମ୍ବର ୮୨୮୦୧-୦୩୮୭୧ ଜାରି କରାଯାଇଛି ।

## ସଚେତନତା କର୍ମଶାଳା

**ଭଦ୍ରକ** ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲ୍ୟବିବାହ ନିରାକରଣ ନିମନ୍ତେ ସଚେତନତା କର୍ମଶାଳା ଜିଲ୍ଲା ସଂସ୍କୃତିଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ସରୋଜ

ଦତ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ବାଲ୍ୟବିବାହର ବିଭିନ୍ନ କୁ-ପରିଣତି ଉପରେ ଆଲୋକପାତ କରିଥିଲେ। ବାଲ୍ୟବିବାହ ନିରାକରଣ ପାଇଁ ସଚେତନତାର ପ୍ରଚାର-ପ୍ରସାର ଅଧିକ ହେବା ଜରୁରୀ ବୋଲି ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ କହିଥିଲେ।

## କର୍ମଶାଳା

**ନୟାଗଡ଼** ଜିଲ୍ଲା ଓଡଗାଁ ବ୍ଲକ୍ ଶରଣକୁଳ ଲଡୁବାବାଙ୍କ ପୀଠରେ ଶ୍ରମିକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଜିଲ୍ଲା ଶ୍ରମ ଆୟୁକ୍ତ ତେଜ୍ କୁମାର ବାଗେ ଯୋଗଦେଇ ଶ୍ରମ ଅଧିକାର, ଶୋଷଣର ନିରାକରଣ, ଶ୍ରମ ନିୟମରେ ଥିବା ବିଭିନ୍ନ ଆଇନ୍ ସମ୍ପର୍କରେ ଆଲୋଚନା କରିଥିଲେ।

## ଆଲୋଚନାଚକ୍ର

**ଭଦ୍ରକ** ଜିଲ୍ଲା ତିହିଡି ବ୍ଲକ୍ ପାଳିଆବିନ୍ଧା ବିରଞ୍ଚି ନାରାୟଣ ମାଧବ ଅର୍ଜୁନ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଓ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଭାରତର ସଂଘୀୟ ବ୍ୟବସ୍ଥା ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ବହୁ ବିଶିଷ୍ଟ ଶିକ୍ଷାବିତ୍‌ମାନେ ଯୋଗଦେଇ ଭାରତର ସଂଘୀୟ ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

# ପାଣିପାଗ

ରାଜ୍ୟରେ ଦିନ ତାପମାତ୍ରା ବୃଦ୍ଧି ପାଉଛି। ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାକୁ ପ୍ରବଳ ଗ୍ରୀଷ୍ମପ୍ରବାହ ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ  ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ଦୁଇଦିନ ପାଇଁ କେତେକ ଜିଲ୍ଲାରେ ଗ୍ରୀଷ୍ମପ୍ରବାହ ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ପରବର୍ତ୍ତୀ ସମୟରେ  ଜିଲ୍ଲାଗୁଡ଼ିକରେ ସର୍ବାଧିକ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ଆସନ୍ତା ରବିବାର ସୁଦ୍ଧା ଜିଲ୍ଲାଗୁଡ଼ିକରେ ପାଗ ମୁଖ୍ୟତଃ ଶୁଖିଲା ରହିବ।

ଆସନ୍ତା ୫ ଦିନ ,୨୦ ତାରିଖ ସକାଳ ସୁଦ୍ଧା କେତେକ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଆଜି ଗୋଟିଏ ଦୁଇଟି ସ୍ଥାନରେ ମଧ୍ୟମ ଧରଣର କୁହୁଡି ଦେଖିବାକୁ ମିଳିଥିଲା।